

ଯାହାର ମନ ଉଦାର, ସେ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି।
-ପ୍ଲାଟୋ

## ସଂକ୍ଷେପରେ

### ନୌପଡ଼ା-ଗୁଣୁପୁର ରୁଟ୍‌ରେ ୧୦ ଦିନ ଚାଲିବନି ଟ୍ରେନ୍

**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଦେଇ ଯାଉଥିବା ନୌପଡା-ଗୁଣୁପୁର ରେଳ ପଥରେ ୧୦ ଦିନ ଧରି ଟ୍ରେନ ଚଳାଚଳ ବନ୍ଦ ରହିବ ବୋଲି ଜଣାପଡ଼ିଛି। ବିଶାଖାପାଟଣା ନିକଟସ୍ଥ କୋଟାଭାଲାସା ରେଳ ଜଙ୍କଶନଠାରେ ସିଗ୍ନାଲ ମରାମତି କାର୍ଯ୍ୟ ଯୋଗୁଁ ପାରଳାଖେମୁଣ୍ଡି ମଧ ଦେଇଯାଉଥିବା ପୁରୀ-ଗୁଣୁପୁର ପାସେଞ୍ଜର ଟ୍ରେନ୍ ଆସନ୍ତା ୧୧ ରୁ ୧୯ ପର୍ଯ୍ୟନ୍ତ ୯ ଦିନ ଧରି ବନ୍ଦ ରହିବ। ସେହିଭଳି ଗୁଣୁପୁର-ପୁରୀ ପାସେଞ୍ଜର ଟ୍ରେନ୍ ୧୦ରୁ ୧୮ ପର୍ଯ୍ୟନ୍ତ, ପଲାସା-ଗୁଣୁପୁର ରାତ୍ରିକାଳୀନ ଫାଷ୍ଟ ପାସେଞ୍ଜର ୧୦ରୁ ୧୮ ପର୍ଯ୍ୟନ୍ତ, ଗୁଣୁପୁର-ପଲାସା ଫାଷ୍ଟ ପାସେଞ୍ଜର ୧୧ରୁ ୧୯ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପୂର୍ବତଟ ରେଳପଥ ବିଶାଖାପାଟଣା ମଣ୍ଡଳ ପକ୍ଷରୁ ସୂଚନା ମିଳିଛି। ମାତ୍ର ଏହି ଦିନ ମାନଙ୍କରେ ଅନ୍ୟ ଦିନ ଭଳି ରାଜ୍ୟରାଣୀ ଏକ୍ସପ୍ରେସ ଉଭୟ ଦିଗକୁ ନିର୍ଦ୍ଧାରିତ ସମୟରେ ଚଳାଚଳ କରିବ ବୋଲି ଜଣାପଡ଼ିଛି। କୋଟାଭାଲାସା ରେଳ ଷ୍ଟେଶନ୍‌ରେ ମରାମତି ଯୋଗୁଁ ଏହି ପରି ଟ୍ରେନ୍ ବାତିଲ କରିବାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

### ଉତ୍କଳ ସମ୍ମିଳନୀ ଜିଲା ଶାଖାର ବୈଠକ

**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.):** ଉତ୍କଳ ହିତୈଷିଣୀ ସଭାଗୃହଠାରେ ରାଜ୍ୟ ଉତ୍କଳ ସମ୍ମିଳନୀ ଗଜପତି ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଗୌରଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଗଜପତି ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ପାରଳାଖେମୁଣ୍ଡି ସହରରୁ ଶ୍ରୀକାକୁଲମ, ପଲାସା ପ୍ରଭୃତି କିଛି ଘରୋଇ ବସ ଗୁଡ଼ିକରେ ଓଡିଆ ନାମଫଳକ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ପୂର୍ବରୁ ସମ୍ମିଳନୀ ପକ୍ଷରୁ ପରିବହନ ଅଧିକାରୀଙ୍କୁ କୁହାଯାଇଥିଲେ ମଧ ଏହାର କୌଣସି ସୁଫଳ ମିଳି ନାହିଁ। ତେଣୁ ଉତ୍କଳ ସମ୍ମିଳନୀ ଗଜପତି ଜିଲା ଶାଖାପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲାପାଳଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ବନମାଳୀ ମହାପାତ୍ର, ବଟକୃଷ୍ଣ ପାତ୍ର, ଭାରତ ଭୂଷଣ ମହାନ୍ତି ଉପସ୍ଥିତ ଥିଲେ।

### ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୯।୯(ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବି.ସୀତାପୁର ଗ୍ରାମଠାରେ ଜିଲାର ଅଗ୍ରଣୀ ମହିଳା ସଂଗଠନ ଆକାଂକ୍ଷା ପକ୍ଷରୁ ଏକ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ସଂଗଠନ ସଭାପତି ମୀନାକ୍ଷୀ ସାହୁ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଶିକ୍ଷୟତ୍ରୀ ସ୍ୱର୍ଣ୍ଣ ପ୍ରଭା ପାଠୀ ଡେଙ୍ଗୁରୋଗ ନ ହେବାପାଇଁ କେଉଁ ସବୁ ପଦକ୍ଷେପ ନେବା ଆବଶ୍ୟକ ସେ ବିଷୟରେ କହିଥିଲେ। ପୁଷ୍ପାଞ୍ଜଳୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୫୦ ମହିଳା ଓ ଝିଅମାନେ ଯୋଗଦେଇ ଗ୍ରାମବାସୀଙ୍କୁ ସଚେତନତା କରାଇଥିଲେ। ସଂଗଠନ କୋଷାଧକ୍ଷ ତନୁଜା ଶତପଥି ଡେଙ୍ଗୁ ରୋଗ ନିରାକରଣ ପାଇଁ ରହିଥିବା ଉପାୟ ବିଷୟରେ ଆଲୋଚନା କରିଥିଲେ।

# ମାଓବାଦୀ ଗଡ଼ରେ ରାସ୍ତା ମରଣଯନ୍ତା

**ବୈପାରୀଗୁଡ଼ା,୯।୯(ଡି.ଏନ୍.ଏ.)**

## ଦଣ୍ଡାବାଡ଼ି-ଟିପାକୁର ରାସ୍ତା

■ ନିର୍ମାଣକାମରେ ଯନ୍ତ୍ରୀ-ଠିକାଦାର ମାଲାମାଲ
■ ପେଶୀ ହେଉଛନ୍ତି ସାଧାରଣ ଲୋକ



ଦୁର୍ଗମ ଇଲାକାରେ ରାସ୍ତାଘାଟର ବିକାଶ ପାଇଁ ସରକାର ଜୋର୍ ଦେଉଛନ୍ତି। ବହୁ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ନିମ୍ନମାନର ରାସ୍ତା କାମ କରି ଠିକାଦାର-ଯନ୍ତ୍ରୀ ମାଲମାଲ ହେଉଛନ୍ତି। ସାଧାରଣ ଲୋକ କିନ୍ତୁ ଯେଉଁ ସମସ୍ୟାରେ ଥିଲେ, ଏବେ ମଧ ସେହି ସମସ୍ୟା ଭିତରେ ପେଶୀ ହେଉଛନ୍ତି। ଏହା ହେଉଛି ବୈପାରୀଗୁଡ଼ା ବ୍ଲକ ଅଧୀନ ମାଓବାଦୀ ପ୍ରଭାବିତ ଅଞ୍ଚଳର ଚିତ୍ର।

ବ୍ଲକର ସବୁଠାରୁ ଅବହେଳିତ ଓ ଅନଗ୍ରସର ପଞ୍ଚାୟତ ହେଉଛି ଟିପାକୁର। ଆଦିବାସୀ ବହୁଳ ଉକ୍ତ ପଞ୍ଚାୟତରେ ଲୋକଙ୍କ ସରଳତାର ସୁଯୋଗ ନେଇ ବିକାଶ ନାଁରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହେଉଛି। ମୁଖ୍ୟରାସ୍ତା ସହ ସଂଯୋଗ କରୁଥିବା ଦଣ୍ଡାବାଡ଼ି-ଟିପାକୁର ରାସ୍ତା ଦଶନ୍ଧି ଦଶନ୍ଧି ଧରି ଶୋଚନୀୟ ହୋଇ ରହିଛି। ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୮ ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ବାବଦକୁ ଖର୍ଚ୍ଚ କରାଯାଇଛି। କିନ୍ତୁ ସତ ହେଉଛି, ମୋରମ ବଦଳରେ ରାସ୍ତାକଡ଼ର ମାଟି ପକାଯାଇଛି। ରାସ୍ତାକାମ ବେଳେ ବ୍ୟବହାର ନହୋଇ ବିଲ୍ ପାସ୍ ବେଳେ କେବଳ ରୋଲରର ଫଟୋ ଦିଆଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟସ୍ଥଳରେ ନାମଫଳକ ଲାଗିନାହିଁ। ଏବେ ବର୍ଷା ପରଠାରୁ ରାସ୍ତାର ଅବସ୍ଥା ଏପରି ଯେ, ଖାଲି ପାଦରେ ମଧ ଯିବା କଷ୍ଟକର। ଏହି କାରଣରୁ ଟିପାକୁର ପଞ୍ଚାୟତ କାର୍ଯ୍ୟାଳୟକୁ ପିଡିଏସ୍ ଚାଉଳ ଯାଇପାରୁ ନାହିଁ। ୧୦ କିମି ଦୂରରୁ ଲୋକେ ଦଣ୍ଡାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଚାଉଳ ବସ୍ତା ମୁଣ୍ଡେଇ କିମ୍ବା ସାଇକେଲ୍‌ରେ ଠେଲିଠେଲି ନେଉଛନ୍ତି। ଉକ୍ତ ପଞ୍ଚାୟତର କୌଣସି ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଦଣ୍ଡାବାଡ଼ି ପର୍ଯ୍ୟନ୍ତ ରୋଗୀ ଅଥବା ପ୍ରସୂତିଙ୍କୁ ଖଟିଆରେ କାଉଡ଼ି କରି ବୋହି ଆଣିବାକୁ ପଡୁଛି। ଅନେକ ସମୟରେ ଦଣ୍ଡାବାଡ଼ିରେ ପହଞ୍ଚିବା ପୂର୍ବରୁ ଚିକିତ୍ସାରେ ବିଳମ୍ବ କାରଣରୁ ବହୁ ରୋଗୀ ଓ ପ୍ରସୂତି ଆଖି ବୁଜୁଛନ୍ତି। ଅନ୍ୟପକ୍ଷରେ ଯେଉଁ ଠିକାଦାର ଏହି କାମରେ ସଂପୃକ୍ତ ଅଛନ୍ତି, ସେ ହିଁ ଏହି ଦୃଶ୍ୟର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଛାଡ଼ି ସରକାରଙ୍କ 'ଆମ ଗାଁ ଆମ ବିକାଶ' ଯୋଜନାକୁ ସମାଲୋଚନା କରିଚାଲିଛନ୍ତି। ରାସ୍ତାରେ କେବଳ ସାଧାରଣ ଲୋକ ନୁହେଁ, ସରକାରୀ କର୍ମଚାରୀ ମଧ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ କାହ୍ନୁ ଦଣ୍ଡସେନା ନିଜେ କହିଛନ୍ତି ଯେ, ଉକ୍ତ ରାସ୍ତାରେ ବାଇକ୍‌ରେ ଯିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଉକ୍ତ ରାସ୍ତା ନିର୍ମାଣରେ ସଂପୃକ୍ତ ଥିବା କନିଷ୍ଠ ଯନ୍ତ୍ରୀ ଅକ୍ଷୟ ସାହୁ କୁହନ୍ତି ଯେ, ରାସ୍ତା ଭଲ ଥିଲା। ବର୍ଷା କାରଣରୁ ଖରାପ ହୋଇଗଲା। ତେବେ 'ଭଲ ମୋରମ ପଡ଼ିଲେ ରାସ୍ତା କାହିଁକି କାଦୁଅ ହେବ' ବୋଲି ପଚାରିବାରୁ ଉକ୍ତ ଠିକାଦାରଙ୍କୁ କହି ରାସ୍ତାକାମ ସୁଧାରିବେ ବୋଲି ସେ କହିଥିଲେ।



ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ନେତୃତ୍ୱରେ ବିଜେଡି ଧାରଣା ଦେଇଛି।

# ତୈଳଦର ବୃଦ୍ଧିକୁ ନେଇ ବିଜେଡିର ପ୍ରତିବାଦ

**ଜୟପୁର,୯।୯(ଡି.ଏନ୍.ଏ./ନି.ପ୍ର.)**

କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ ଏବଂ ଜାଳେଣି ଗ୍ୟାସ ଦରର ଅହେତୁକ ବୃଦ୍ଧିର ପ୍ରତିବାଦ ଜଣାଇଛି ବିଜେଡି। ରବିବାର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଯୁବ ଓ ଛାତ୍ର ସଂଗଠନ ସ୍ଥାନୀୟ ରଥପଡ଼ିଆରୁ ସାଇକେଲ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିଥିଲା। ସେଠାରେ ୨ ଘଣ୍ଟିଆ ପ୍ରତିବାଦ ଆୟୋଜିତ ହୋଇଥିଲା। ତୈଳଦର ବୃଦ୍ଧି ଯୋଗୁ ଗରିବ ଓ ସାଧାରଣ ଲୋକେ କିପରି ହନ୍ତସନ୍ତ ହେଉଛନ୍ତି, ସେନେଇ ଗ୍ରାହକଙ୍କୁ ସଚେତନ କରିଥିଲା ବିଜେଡି। ତୁରନ୍ତ ତୈଳ ଓ ଗ୍ୟାସ୍‌ଦର ହ୍ରାସ କରିବା ପାଇଁ ଦଳ ଦାବି ଜଣାଇଥିଲା। ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେଡିର ବିଷ୍ଣୁ ପ୍ରସାଦ ପାତ୍ର, ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ଶିବରାଜ କନ୍ଧପାନ, ସହଦେବ ପଟ୍ଟନାୟକ, ଧର୍ମେନ୍ଦ୍ର ଅଧିକାରୀ, ବାପି ପରିଡ଼ା, ୱାଇ.ଏସ୍. ଖାନ୍ନା, ଏଲ. ଶ୍ରୀନିବାସ, ରାଜା ପାଢ଼ୀ ଉପସ୍ଥିତ ଥିଲେ।

# ପୋଲ ରାସ୍ତା ମରାମତି କଲେ ଗାଁଲୋକ



ଗାଁ ଲୋକେ ପୋଲ ରାସ୍ତା ମରାମତି କରୁଛନ୍ତି।

**ଦଶମନ୍ତପୁର,୯।୯(ଡି.ଏନ୍.ଏ.)**

ବ୍ଲକ୍ ସଦର ସ୍ଥିତ ମାଣ୍ଡିଗୁଡ଼ା ଗ୍ରାମରେ ପୋଲ ରାସ୍ତା ବର୍ଷାରେ ଧୋଇହେବା ସହ ଖାଲଖମା ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ଏହି ଅବସ୍ଥା ସୃଷ୍ଟି ହୋଇଥିଲେ ମଧ ମରାମତି କରାଯାଉ ନଥିବାରୁ ଗ୍ରାମବାସୀ ନିଜେ ଏହାର ସମାଧାନ କରିଛନ୍ତି। ମହିଳା, ପୁରୁଷ ଏବଂ ଯୁବତୀଯୁବକ ରାସ୍ତା ମରାମତି କରିଛନ୍ତି। ନିର୍ବାଚନ ହେଲେ ଜନ ପ୍ରତିନିଧିମାନେ ଗ୍ରାମକୁ ଆସି ଅନେକ ପ୍ରତିଶ୍ରୁତି ଦେଉଥିଲେ ମଧ ପରବର୍ତ୍ତୀ ସମୟରେ ପାଶୋରି ଯାଉଛନ୍ତି। ଲୋକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ମାଣ୍ଡିଗୁଡ଼ା ଗ୍ରାମକୁ ଗମନାଗମନ ପାଇଁ ମୁଖ୍ୟ ରାସ୍ତାରେ ଏକ ନଦୀ ପଡୁଛି। ଏହା ଉପରେ ନିର୍ମିତ ପୋଲର ପାର୍ଶ୍ୱ ରାସ୍ତା ଧୋଇହୋଇ ଯାଇଛି। ପଥର ପ୍ୟାଚିଂ ନଷ୍ଟ ହୋଇଛି। ଏହା ଫଳରେ ଗାଁକୁ ଭାରିଯାନ ପ୍ରବେଶ କରିପାରୁନାହିଁ ବୋଲି ପାଣ୍ଡୁ ପେରିସିକା, ସତ୍ୟ ମିଣିଆକା, ବୋନ୍ ପେରିସିକା, ଚକିତ, ଭାସ୍କର, ବିଜୟ କାଡ୍ରାକା, ରବି ଜାନି କହିଛନ୍ତି। ତେଣୁ ଯାତାୟାତ ସୁବିଧା ପାଇଁ ସେମାନେ ଶ୍ରମଦାନ କରିଛନ୍ତି। ଆମେ ଗ୍ରାମକୁ ଯାଇ ଅନୁଧାନ କରିବା ପରେ ଖୁବ୍‌ଶୀଘ୍ର ପଦକ୍ଷେପ ନେବୁ ବୋଲି ଉପାଧକ୍ଷ ତଥା ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ବିଷୋୟୀ ପ୍ରତିଶ୍ରୁତି ଦେଇଛନ୍ତି। ଅନୁଧାନ ପାଇଁ ବିଧାୟକଙ୍କୁ ଉକ୍ତ ଗ୍ରାମକୁ ନେବେ ବୋଲି କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ କହିଛନ୍ତି।

# ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ସମେତ ୫ ଅଟକ

**କୋରାପୁଟ/ଅନକାଡେଲି, ୯।୯(ସ୍ୱ.ପ୍ର.)**

ମାଛକୁଣ୍ଡ ଥାନା ଅନ୍ତର୍ଗତ ଅନକାଡେଲି ପଞ୍ଚାୟତ ହନୁମାଳ ଗାଁରୁ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ସମେତ ୫ ଜଣଙ୍କୁ ଅଟକ ରଖିଛି ବିଏସଏଫ୍‌ର ୧୩ ନମ୍ବର ବାଟାଲିୟନ। ଏହାପରେ ସେମାନଙ୍କୁ ମାଛକୁଣ୍ଡ ଥାନାକୁ ହସ୍ତାନ୍ତର କରାଯାଇଛି। ଅଟକ ୫ ଜଣଙ୍କ ମଧରେ ରାମ ପାଙ୍ଗି ନାମକ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ରହିଥିବା ବେଳେ ବିଏସଏଫ ପକ୍ଷରୁ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଅନ୍ୟ ୪ ଜଣ ହେଲେ ଭୀମ ଖରା(୧୯), ଲବ ପାଙ୍ଗି (୨୫), ଲଇଚନ ଖରା (୨୪), ମାଲେକା ଖରା (୨୫)। ଏମାନେ ଅନକାଡେଲି ଓ ମାଛକୁଣ୍ଡ ଅଞ୍ଚଳରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ନେଇ ଅନକାଡେଲିସ୍ଥିତ ବିଏସ୍ଏଫ୍ ପକ୍ଷରୁ ଜେରାବେଳେ ମାଛକୁଣ୍ଡ ଥାନା ଅଧିକାରୀ ସୁଦର୍ଶନ ନାୟକ ଜାଣିବାକୁ ପାଇଥିଲେ।

# ଟ୍ରକ୍ ଟର୍ମିନାଲ ଅବସ୍ଥା ବେହାଲ



ଟ୍ରକ ଟର୍ମିନାଲ ରାସ୍ତା କାଦୁଅ ଭର୍ତ୍ତିହୋଇ ରହିଛି।

**ସୁନାବେଡ଼ା,୯।୯(ଡି.ଏନ୍.ଏ.)**

ସେମିଲିଗୁଡ଼ା, ସୁନାବେଡ଼ା ଅଧୀନ ହାଟପଦା ନିକଟସ୍ଥ ଟ୍ରକ୍ ଟର୍ମିନାଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଭିତରେ ଚାରିଆଡ଼େ ଖାଲଖମା ସୃଷ୍ଟି ହୋଇଥିବାରୁ ବର୍ଷାଜଳ ଜମି ରହୁଛି। ଟର୍ମିନାଲ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ କରିବାରେ ଅନେକ ସମସ୍ୟା ହେଉଛି। ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏହି ଟର୍ମିନାଲ ସୁନାବେଡ଼ା ପୌର ପରିଷଦ ଅଧୀନରେ ରହିଛି। କିନ୍ତୁ ପୌରସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜୀବନ ସହ ସଂଗ୍ରାମ କରୁଛନ୍ତି ବୁଦ୍ରୀ

**ପଟ୍ଟାଙ୍ଗି,୯।୯(ଡି.ଏନ୍.ଏ.)**

## ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁନି



ଭାଇ ଓ ଭାଉଜଙ୍କ ସହ ବୁଦ୍ରୀ।

ଆଦିବାସୀ ଗରିବ ଶ୍ରେଣୀ କିପରି ସ୍ୱାସ୍ଥ୍ୟ ସେବା ପାଇବେ, ସେନେଇ ରାଜ୍ୟ ସରକାର ନାନା ପ୍ରକାର ବ୍ୟବସ୍ଥା କରୁଥିଲେ ମଧ ତାହା ସେମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପଟ୍ଟାଙ୍ଗି ବ୍ଲକ ସଦରରୁ ମାତ୍ର ୬ କିଲୋମିଟର ଦୂର ନୂଆଗାଁ ପଞ୍ଚାୟତ ବୋଡାପାଡୁ ଗ୍ରାମର ବସବାସ କରୁଥିବା ତାମେଲି ବୁଦ୍ରୀ।

ସୂଚନା ଅନୁଯାୟୀ, ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି, ବୁଦ୍ରୀଙ୍କ ଶରୀର ପତଳା ହୋଇଯିବା ସହ ପେଟ ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ଏହାକୁ ନେଇ ଭାଇ ତାମେଲି ବଲୁ ଓ ଭାଉଜ ତାମେଲି ରଇଲା ଚିନ୍ତିତ ଅଛନ୍ତି। ଅନ୍ୟପକ୍ଷରେ ବୁଦ୍ରୀ ଜୀବନ ମରଣ ସହ ସଂଗ୍ରାମ କରି ଭାଇଙ୍କ ଉପରେ ଭରସା କରି ରହିଛନ୍ତି। ଉକ୍ତ ପରିବାର ବିପିଏଲ ଶ୍ରେଣୀର ହୋଇଥିବା ବେଳେ ବୁଦ୍ରୀଙ୍କ ଏହିପରି ସ୍ୱାସ୍ଥ୍ୟ ଅବସ୍ଥା ଦେଖି ଜିଲା ପ୍ରଶାସନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧମରେ ଖଣ୍ଡିଏ ଗୃହ ଏବଂ ମାସିକ ୩୦୦ ଟଙ୍କା ଭତ୍ତା ପ୍ରଦାନ କରି ନିଜ ମୁଣ୍ଡରୁ ଦାୟିତ୍ୱ ସାରିଦେଇଛନ୍ତି। କିନ୍ତୁ ବୁଦ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି କେହି ନଜର ଦେଇନାହାନ୍ତି। ଏପରି ସ୍ଥଳେ ଭାଇ ବଲୁ ନିଜ ଭଉଣୀଙ୍କ ଚିକିତ୍ସା କରାଇ ଭଲ କରିବା ଉଦ୍ୟମରେ ଲାଗିରହିଛନ୍ତି। ଗ୍ରାମବାସୀଙ୍କଠାରୁ ଧାର କରଜ କରିବା ସହ ନିଜ ଚାଷ ଜମି ଅନ୍ୟ ନିକଟରେ ବନ୍ଧକ ରଖି ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ କରି ସାରିଲେଣି। କିନ୍ତୁ କିଛି ସୁଫଳ ନମିଳିବା ତାଙ୍କୁ ହତୋତ୍ସାହିତ କରିଛି। ଗାଁ ଲୋକଙ୍କ ଚାଷ ଜମିରେ କୁଲି କାମ କରି ନିଜ ଭଉଣୀଙ୍କୁ ଭଲ କରିବା ପାଇଁ ଚେଷ୍ଟା କରୁଥିଲେ ମଧ ତାହା ସମ୍ଭବ ହୋଇପାରୁ ନାହିଁ ବୋଲି ଦୁଃଖର ସହ କହିଛନ୍ତି ବଲୁ। ଏନେଇ ସ୍ଥାନୀୟ ତହସିଲଦାର ଡ. ଅରୁଣ କୁମାର ଖଣ୍ଡା କହିଛନ୍ତି, ଉକ୍ତ ମହିଳାଙ୍କ ସମ୍ପର୍କରେ ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହାପରେ ସରକାରୀ ନିୟମ ଅନୁଯାୟୀ ଯାହା ବ୍ୟବସ୍ଥା ରହିଥିବ, ତାହା ଯୋଗାଇ ଦିଆଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଏ ସମ୍ପର୍କରେ କହିଛନ୍ତି, ମୁଁ ଅବଗତ ଅଛି। ପୂର୍ବରୁ ଉକ୍ତ ମହିଳାଙ୍କୁ ପ୍ରାଥମିକ ଚିକିତ୍ସା କରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଥିଲା। ବର୍ତ୍ତମାନ ପୁଣି ଥରେ ତାଙ୍କୁ ପରୀକ୍ଷା ନିରୀକ୍ଷା କରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇବା ବ୍ୟବସ୍ଥା ଗ୍ରହଣ କରାଯିବ।

# ବୋରିଗୁମ୍ମାରେ 'ମୁଁ ହିରୋ ମୁଁ ଓଡ଼ିଶା'



କାର୍ଯ୍ୟକ୍ରମରେ ମାସ୍କଟ ସହ ପୁରସ୍କୃତ ଯୁବ ପ୍ରତିଭା।

**ବୋରିଗୁମ୍ମା,୯।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ବିଜୁ ଯୁବ ବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବିଭିନ୍ନ ଡକ୍ୟୁମେଣ୍ଟାରୀ ଭିଡିଓ ମାଧ୍ୟମରେ ସମାଜରେ ଯୁବକଙ୍କ ଭୂମିକା ନେଇ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଥିଲା। ଏହି ଅଧୀନରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଯୁବତୀ ଯୁବକ ଗୀତ, ନାଚ, କ୍ରୀଡ଼ା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷରେ ବୋରିଗୁମ୍ମା ଅଞ୍ଚଳର କ୍ରୀଡ଼ାବିତ ଏ. ସନ୍ତୋଷ କୁମାର କ୍ରୀଡ଼ା ଜଗତରେ ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବେଳେ ଯୁବପିଢ଼ିର ଆଦର୍ଶ ଭାବେ ତାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଯୁବକଙ୍କ ଲୁକ୍କାୟିତ ପ୍ରତିଭାକୁ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରକୁ ନେବା ପାଇଁ ଉକ୍ତ କାର୍ଯ୍ୟକ୍ରମର ପ୍ରୟାସ ବୋଲି ଅତିଥିମାନେ ମତ ଦେଇଥିଲେ। ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ଗିରିଧାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଡିଓ ଯୋଗେନ୍ଦ୍ର ମାଝି, ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ କମଲୁ ଜାନି, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ବ୍ଲକ ଅଧକ୍ଷା ବିମଳା ଚାଲାଣ, ଡିଗ୍ରୀ ମହାବିଦ୍ୟାଳୟ କମିଟି ସଭାପତି ରାମଚନ୍ଦ୍ର ପାଢ଼ି, ସମ୍ପାଦକ ନାଗରାଜ ଦୋଲା, ଅଶୋକ ଗନ୍ତାୟତ, ସୁବାସ ନାୟକ, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବୋରିଗୁମ୍ମା ଯୁବ ବାହିନୀର ସମ୍ପିତ ଦଳେଇ, ମାନସ ରଥ, ଅଭିଲାଷ ପଟ୍ଟନାୟକ, ସନ୍ଦିପ ଜାନି, ଅବଦୁଲ, ଆକାଶ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଫଟୋରେ ଖବର





ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ସ୍ୱଚ୍ଛତା ପକ୍ଷ ଅଭିଯାନ ପାଇଁ ପ୍ରଧାନଶିକ୍ଷକ ଅଭିମନ୍ୟୁ ବିଶିମାଝିଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।





ସେମିଲିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଦାବିରେ ନାଗରିକ ମଞ୍ଚ ସଭାପତି କୃଷ୍ଣ ସିଂଙ୍କ ନେତୃତ୍ୱରେ ରବିବାର ରତ୍ନାକର ନନ୍ଦ, ଲକ୍ଷ୍ମଣ ରାଉତ, ଅନନ୍ତରାମ ମଟାମ ଓ ଅନ୍ୟ ବୁଦ୍ଧିଜୀବୀ ଶୋଭାଯାତ୍ରାରେ ବାହାରିଛନ୍ତି।



ଯାହାର ମନ ଉଦାର, ସେ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି।
-ପ୍ଲାଟୋ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**କାଶୀନଗର,୯।୯(ଡି.ଏନ୍.ଏ.):** କାଶୀନଗର ଷ୍ଟେଟ୍ ବ୍ୟାଙ୍କ ଛକଠାରୁ କିଛି ଦୂରରେ ବୋଲେରୋ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖୁରିଗାଁ ଗ୍ରାମର ପି. ଗୁରୁସ୍ୱାମୀ(୪୦) ଶନିବାର ରାତି ୮ଟାରେ କାଶୀନଗରରୁ ସଉଦା କିଣି ନିଜ ଘରକୁ ଯିବା ସମୟରେ ତାଙ୍କୁ ଏକ ବୋଲେରୋ(ଓଡି ୧୮ବି.୫୪୪୫) ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ତାଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ରବିବାର ସକାଳୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଥାନାରେ ୬୩।୧୮ରେ ଏକ ମାମଲା ରୁଜୁ ହୋଇଛି। ଗାଡ଼ି ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ଡାକ ବିଭାଗ ଜୟପୁର ମଣ୍ଡଳ ଅଧୀକ୍ଷକଙ୍କ ମୁନିଗୁଡ଼ା ଗସ୍ତ

**ମୁନିଗୁଡା, ୯।୯(ଡି.ଏନ୍.ଏ.):** ଦୀର୍ଘଦିନ ଧରି ମୁନିଗୁଡା ପୋଷ୍ଟ ଅଫିସରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ଶନିବାର ସନ୍ଧ୍ୟାରେ ହଠାତ୍ ଡାକ ବିଭାଗ ଜୟପୁର ମଣ୍ଡଳ ଅଧୀକ୍ଷକ ମୁନିଗୁଡା ପୋଷ୍ଟ ଅଫିସରେ ପହଞ୍ଚି ଏହାର ତଦାରଖ କରିଛନ୍ତି। ସେ ମୁନିଗୁଡା ପୋଷ୍ଟ ଅଫିସରେ ଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ମୁନିଗୁଡା ପ୍ରେସ କ୍ଲବ ସଭାପତି ରାଜୀବଲୋଚନ ଦାସ, ସୀମାଞ୍ଚଳ ପଣ୍ଡା, ନନ୍ଦ କିଶୋର ପଟ୍ଟନାୟକ, ନରେଶ ପାତ୍ରଙ୍କ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଅଧୀକ୍ଷକ ପଣ୍ଡାଙ୍କୁ ଭେଟି ସେଠାରେ ପୋଷ୍ଟ ମାଷ୍ଟର ନ ଥିବା ନେଇ ଅବଗତ କରାଇଥିଲେ। ଜଣେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟରଙ୍କ ଦ୍ୱାରା ଉକ୍ତ ଡାକଘରଟି ପରିଚାଳିତ ହେଉଥିବା ବେଳେ ବହୁ ସମୟ ଧରି ଲୋକେ ଲମ୍ବା ଧାଡିରେ ରହୁଛନ୍ତି। ଏଠାରେ ୫ ବର୍ଷ ତଳେ ଜେନେରେଟର ଲାଗି ଥିଲେ ମଧ କରେଣ୍ଟ ଚାଲିଗଲେ ସମସ୍ତ କାର୍ଯ୍ୟ ଠପ୍ ହୋଇ ରୁହେ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଥିଲେ। ତୁରନ୍ତ ଅଚଳ ଜେନେରେଟରକୁ ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଜଣେ ପୋଷ୍ଟମାଷ୍ଟର କାର୍ଯ୍ୟରେ ଯୋଗଦେବେ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ପର୍ଯ୍ୟାୟକ୍ରମେ ମୁନିଗୁଡା ପୋଷ୍ଟ ଅଫିସରେ ଥିବା ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ଆଜି ରାୟଗଡ଼ା ବନ୍ଦ

**ରାୟଗଡା ଅଫିସ, ୯।୯:** ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି। ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାୟଗଡା ବନ୍ଦ କରାଯିବ। ଏହି ସମୟରେ ସମସ୍ତ ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ ରହିବ। ରାୟଗଡା ଜିଲା ପରିଷଦ ଅଧକ୍ଷ ପୁରୁଷୋତ୍ତମ ଗମାଙ୍ଗ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଆପଲସ୍ୱାମୀ କାଡ୍ରାକା, ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ପଣ୍ଡା, ମକରନ୍ଦ ମୁଦୁଲାଙ୍କ ସମେତ ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ଉପସ୍ଥିତ ରହି ବନ୍ଦ ପାଳନ କରିବେ। ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଏହି ବନ୍ଦ କରାଯିବ।

### ସରସ୍ୱତୀ ଶିଶୁମନ୍ଦିରରେ ଅଭିଭାବକ ସମ୍ମିଳନୀ



**ମୁନିଗୁଡା, ୯।୯(ଡି.ଏନ୍.ଏ.):** ରାୟଗଡା ଜିଲା ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ମଣ୍ଡପରେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଝରଣା ରାଣୀ ପାତ୍ର ଓ ସୁଜାତା ନାୟକଙ୍କ ମିଳିତ ସଂଯୋଜନାରେ ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ କୁମାର ରତ୍ନାଲୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ପରେ ଶିଶୁ ମନ୍ଦିର ଆଦର୍ଶ ସହ ପିଲାଙ୍କ ପାଠପଢା, ହୋମ୍‌ୱାର୍କ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପିଲାମାନେ କେଉଁ ସବୁ ବିଷୟରେ ଦୁର୍ବଳ ସେ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜଣାଇବାକୁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିର ଗୁରୁମା ରଶ୍ମିତା ନାୟକ, ଗୀତାଞ୍ଜଳି ବେହେରା, ପ୍ରିୟଙ୍କା ପାତ୍ର, କଳ୍ପନା ମିଶ୍ର, ବାଣୀଶ୍ରୀ ପଣ୍ଡା, କୁସୁମାଞ୍ଜଳି ରଥ, ସୁନିତା ପ୍ରଧାନ, ଗିରିଜା ମିଶ୍ର, ସୁବ୍ରତ ପାତ୍ରଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

■ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବଢୁଛି ମଶାଙ୍କ ଦୌରାତ୍ମ୍ୟ, ସହରବାସୀ ହନ୍ତସନ୍ତ

**ରାୟଗଡ଼ା ଅଫିସ, ୯।୯(ଡି.ଏନ୍.ଏ.)**

ରାୟଗଡା ପୌର ପରିଷଦର ପରିମଳ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ସହରର ଅଧିକାଂଶ ଅଞ୍ଚଳରେ ପଚିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଡ୍ରେନ୍‌ଗୁଡିକରେ ଆବର୍ଜନା ଭର୍ତ୍ତି ହୋଇ ରହିଛି। ସେଥିରୁ ନର୍ଦ୍ଦମା ଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁ ନାହିଁ । ଫଳରେ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ପୌର ପରିଷଦ ପକ୍ଷରୁ ମଶାବଂଶ ଦମନ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ କିଣାଯାଇଥିବା ୪ରୁ ଊର୍ଦ୍ଧ୍ୱ ଫିଙ୍ଗା ମେଶିନ କାମରେ ଲାଗୁନି। ଫିଙ୍ଗା ମେଶିନକୁ ବୁଲାଇ ଧୂଆଁ ଛଡାଯାଉ ନ ଥିବାରୁ ପରିସ୍ଥିତି ଅଣାୟତ୍ତ ହେଲାଣି। ମଶାଙ୍କ ଦୌରାତ୍ମ୍ୟରେ ସହରବାସୀ ଅଣନିଃଶ୍ୱାସୀ ହୋଇଗଲେଣି। ମଶା କାମୁଡାରେ ଅଞ୍ଚଳବାସୀ ମ୍ୟାଲେରିଆ, ମସ୍ତିଷ୍କ ମ୍ୟାଲେରିଆ, ଡେଙ୍ଗୁଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପୌରପରିଷଦ କର୍ତ୍ତୃପକ୍ଷ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ନୀରବ ରହୁଛନ୍ତି। ବ୍ଲିଚିଂ, ଫିନାଇଲ, ଡିଡିଟ୍ କିମ୍ବା ମଶାତେଲ, ଆଦୌ ସିଞ୍ଚନ କରାଯାଇ ନ ଥିବାରୁ ଏଭଳି ସମସ୍ୟା ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ସହରରେ ମଶାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୌର ପରିଷଦ କର୍ତ୍ତୃପକ୍ଷ କିମ୍ବା ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାୟଗଡା ପୌରପରିଷଦ ପକ୍ଷରୁ ସହରର ୧୬ଟି ୱାର୍ଡର ପରିମଳ ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଅବଶିଷ୍ଟ ୮ଟି ୱାର୍ଡର ସଫେଇ ପୌର ପରିଷଦ ପକ୍ଷରୁ କରାଯାଇଛି। ତେବେ ସମ୍ପୃକ୍ତ ଠିକାସଂସ୍ଥା ଓ ପୌରପରିଷଦ ପକ୍ଷରୁ ନିୟମିତ ଆବର୍ଜନା ଓ ଡ୍ରେନ୍ ସଫା କରାଯାଉନାହିଁ। ଫଳରେ ସହରର ଅଧିକାଂଶ ସ୍ଥାନରେ ଆବର୍ଜନା ଜମି ରହିଛି । ଦୈନିକ ବଜାର, ବସଷ୍ଟାଣ୍ଡ, ସମେତ ସହରର ବିଭିନ୍ନ ଅଞ୍ଚଳରେ ନିୟମିତ ନର୍ଦ୍ଦମା ସଫାକରାଯାଉନାହିଁ। ଅଧିକାଂଶ ନାଳରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହେଲାଣି। ଅଧିକାରୀମାନେ ନିୟମିତ ହେଉଥିବା ସଫେଇ କାର୍ଯ୍ୟକୁ ତଦାରଖ ନ କରି ପ୍ରତିମାସରେ ସଫେଇ ବାବଦକୁ ଲକ୍ଷାଧିକ ଟଙ୍କା ପ୍ରଦାନ କରୁଛନ୍ତି। ହେଲେ ରାୟଗଡା ସହରରେ ସଫେଇ ନାମରେ ପ୍ରତିମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପରିମଳ ବ୍ୟବସ୍ଥାରେ ଆଦୌ ସୁଧାର ଆସିପାରୁନାହିଁ। ତେଣୁ ରାୟଗଡା ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ତୁରନ୍ତ ସୁଧାର ଆଣିବାକୁ ସହରବାସୀ ଦାବି କରିଛନ୍ତି। ଏଥିସହ ବ୍ଲିଚିଂ, ଫିନାଇଲ, ମଶାତେଲ, ଡିଡିଟି ସିଞ୍ଚନ କରିବା ସହିତ ଫିଙ୍ଗା ମେଶିନକୁ ବୁଲାଇବାକୁ ଦାବି କରିଛନ୍ତି। ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପରିଷଦ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଜିଲା ପ୍ରଶାସନ ହସ୍ତକ୍ଷେପ ପରେ ତୁରନ୍ତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବର୍ଷା ନ ହେଲେ ନିୟମିତ ଫିଙ୍ଗା ମେଶିନ ବୁଲାଯିବା, ବ୍ଲିଚିଂ, ଫିନାଇଲ ପକାଯାଉଛି। ଯେଉଁ ଅଞ୍ଚଳରେ ଆବର୍ଜନା ରହିଛି ତାକୁ ତୁରନ୍ତ ଉଠାଯିବା ସହିତ ଡ୍ରେନ୍‌ଗୁଡିକ ସଫା କରାଯିବ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

■ ବ୍ୟକ୍ତିତ୍ୱ ବିକାଶ ଶିବିର

# ରାଷ୍ଟ୍ର ଗଠନରେ ଯୁବପିଢ଼ିର ଯଥେଷ୍ଟ ଦାୟିତ୍ୱ ରହିଛି

**ଗୁଣପୁର,୯।୯(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ରବିବାର ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ନଗର ସଞ୍ଚାଳକ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଶିକ୍ଷକ ଗଣେଶ ମାଳି ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସାଂପ୍ରତିକ ପରିସ୍ଥିତିରେ ସମାଜର ଅବସ୍ଥା, ବ୍ୟବସ୍ଥା ଓ ରାଷ୍ଟ୍ର ପୁନଃ ଗଠନରେ ଯୁବ ପିଢିର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଅତିଥିମାନେ କହିଥିଲେ। ଏଥିରେ ଗୁଣପୁର କଲେଜ, ଥାୟାରାମା ମହିଳା ମହାବିଦ୍ୟାଳୟ, ଡମ୍ବସରା ଡିଗ୍ରୀ କଲେଜ, ଜିଆଇସିଏମ୍ଏସ୍ ଓ ମହର୍ଷି ଗୁରୁକୁଳ କଲେଜର ଯୁକ୍ତ ତିନି ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିବେକାନନ୍ଦଙ୍କୁ ନେଇ ଦଳଗତ ଆଲୋଚନା ଓ ତର୍ଜମା ହୋଇଥିଲା। ବିଭିନ୍ନ କଲେଜରେ ବିବେକାନନ୍ଦଙ୍କ ଉପରେ ସଫଳ ଯୁବା ଓ ଯୁବା ଭାରତ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଗୁଣପୁର ଶାଖାର ପ୍ରମୁଖ ପ୍ରତିଭା ରଥଙ୍କ ସମେତ ନରସିଂହ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ସୋରଜ ପାଣିଗ୍ରାହୀ,ରାଜେଶ ପୃଷ୍ଟି, କେ.ପ୍ରବୀଣରାଜୁ, ସଦାନନ୍ଦ ପଣ୍ଡା, ଅମ୍ବିକା ରାଣୀ ମହାପାତ୍ର, ଚିନ୍ମୟ ଗମାଙ୍ଗ, ବିକ୍ରମ ଗମାଙ୍ଗ ଏବଂ ପ୍ରତାପ ରାଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ଧାରଣା



ରାମନାଗୁଡ଼ା ପେଟ୍ରୋଲ ପମ୍ପ୍ ସମ୍ମୁଖରେ ଗଣଧାରଣା।



ଗୁଣପୁରରେ ତୈଳ ଦରବୃଦ୍ଧିକୁ ପ୍ରତିବାଦ କରାଯାଉଛି।

**ରାମନାଗୁଡା/ଗୁଣପୁର, ୯।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକରେ ମହିଳା, ଛାତ୍ର ଏବଂ ଯୁବ ବିଜେଡି ତରଫରୁ ପେଟ୍ରୋଲ ପମ୍ପ ଆଗରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ରବିବାର ଧାରଣା ଦିଆଯାଇଛି। ବାରମ୍ବାର ପେଟ୍ରୋଲ ଦର ଅହେତୁକ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସାଧାରଣ ଜନଜୀବନ ଉପରେ ପଡୁଛି। ଏଣୁ ସବୁ ଜିନିଷର ଦରଦାମ ବଢ଼ି ଚାଲିଛି। ତେଣୁ ରାମନାଗୁଡା ବ୍ଲକ ତିନୋଟି ପେଟ୍ରୋଲ ପମ୍ପ ସମ୍ମୁଖରେ ମହିଳା, ଛାତ୍ର ଏବଂ ଯୁବ ବିଜେଡି କର୍ମୀମାନେ ଧାରଣା ଦେଇ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଥିଲେ। ମହିଳା ରାଜ୍ୟ ସମ୍ପାଦିକା ସୁଜାତା ପାଲ, ରାଜ୍ୟ ସମ୍ପାଦକ ସୁଧୀର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ ବିଜେଡିର କର୍ମକର୍ତ୍ତା ମଣ୍ଟୁ ମହାରଣା, ମାଧବ ମୁଟିକା, କମଳ ମୁଟିକା, ବ୍ଲକ ସଭାପତି ବିଜୟ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଧକ୍ଷ ରଜନୀ ମାଣ୍ଡାଙ୍ଗି, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି ମଧ ଧାରଣାରେ ମହିଳାମାନଙ୍କ ସହିତ ରହିଥିଲେ। ବିଜେଡି ନେତା ଗଗନ ଆଚାର୍ଯ୍ୟ, ରଞ୍ଜନ ନାୟକ ବେହେରା, ମକର ଧୋବା, ଜଗଦୀଶ ନାୟକ ବେହେରା, ବିଧାୟକ ପ୍ରତିନିଧି ଦାମ କୈବର୍ତ୍ତ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ରାମନାଗୁଡାର ୨ଟି ପେଟ୍ରୋଲ ପମ୍ପ ଏବଂ ଗୁମୁଡାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦିଆଯାଇଥିଲା। ସେହିଭଳି ଗୁଣପୁରରେ ବିଜେଡି ପକ୍ଷରୁ ତୈଳ ଦରବୃଦ୍ଧି ପ୍ରତିବାଦରେ ହରତାଳ କରାଯାଇଛି। ସହରସ୍ଥିତ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ ତୈଳ ଦରବୃଦ୍ଧିର ପ୍ରତିବାଦ କରିଥିଲେ। ତେବେ ଏଠାରେ ଦଳର ଦୁଇ ଗୋଷ୍ଠୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରତିବାଦ କରାଯାଇଥିଲା। ପୂର୍ବତନ ଏନ୍ଏସି ଅଧକ୍ଷ ଶିବ ଗୌଡଙ୍କ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକରେ ଧାରଣା ଦିଆଯାଇଥିଲା। ତେବେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ପକ୍ଷର ସ୍ୱତନ୍ତ୍ର ଭାବେ ଶୋଭାଯାତ୍ରା କରାଯାଇ ପ୍ରତିବାଦ କରାଯାଇଥିଲା। ବିଧାୟକ ତ୍ରିନାଥ ଗମାଙ୍ଗ ଶେଷ ମୁହୂର୍ତ୍ତରେ ଅଶ୍ୱିନୀ ଗମାଙ୍ଗଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଦଳରେ ଥିବା ଫାଟକୁ ଘୋଡାଇବାକୁ ଚେଷ୍ଟା କରିଥିଲେ।

## ପେଟ୍ରୋଲ ପମ୍ପ ଆଗରେ ବିଜେଡିର ଧାରଣା

**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିରେ ଜିଲା ବିଜେଡି ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ତୈଳଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସହର ରାମ ନଗର ପେଟ୍ରୋଲ ପମ୍ପ, କ୍ରିଷ୍ଣା ସିନେମାହଲ ପେଟ୍ରୋଲ ପମ୍ପ, ପୁରୁଣାପାଟଣା ରୋଡ ପେଟ୍ରୋଲ ପମ୍ପ ଏବଂ ଗଜପତି ଷ୍ଟାଡିୟମ ନିକଟ ପେଟ୍ରୋଲ ପମ୍ପରେ ବିଜେଡିର ବହୁ ନେତା ଓ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ଯ ଯୋଜନା ବୋର୍ଡ ସଭ୍ୟ ରାମଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ବିଜେଡି ପକ୍ଷରୁ ଜନସାଧାରଣଙ୍କୁ କେନ୍ଦ୍ର ବିରୋଧି ପ୍ରଚାର ପତ୍ର ମଧ ବଣ୍ଟନ କରାଯାଇଥିଲା। ପାରଳାଖେମୁଣ୍ଡି ବ୍ୟତିତ ଜିଲାର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ପୂର୍ବତନ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲା ବିଜେଡି ଯୁବ ମୋର୍ଚ୍ଚା ସଭାପତି ପି.କ୍ରିଷ୍ଣା, ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ନ୍ୟାୟ ସଂଯୋଗ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ଅନ୍ୟମାନେ।

**ରାୟଗଡ଼ା ଅଫିସ୍ ,୯।୯:**

ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଦୀପକ ମିଶ୍ର ରବିବାର ଭିଡ଼ିଓ କନ୍‌ଫେରେନ୍ସିଂ ଜରିଆରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିଜସ୍ୱ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିଡ଼ିଓ କନ୍‌ଫେରେନ୍ସିଂ ମାଧ୍ୟରେ ଶ୍ରୀ ମିଶ୍ର ରାଜ୍ୟର ୩୦ ଜିଲାର ନ୍ୟାୟ ସଂଯୋଗ କାର୍ଯ୍ୟାଳୟ ଏବଂ ୧୫୦ ସ୍କୁଲ ଆଇନ କ୍ଲବର ଶୁଭଉଦ୍‌ଘାଟନ କରିଛନ୍ତି। ରାୟଗଡ଼ା ସିଭିଲି କୋର୍ଟ ପରିସରରେ ମଧ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଲାଇଭ୍ କରାଯାଇଥିବା କାର୍ଯ୍ୟକ୍ରମରେ ରାୟଗଡ଼ା ବିଚାର ବିଭାଗୀୟ ଅଧିକାରୀ ତଥା ସିଜେଏମ୍ ଜ୍ଞାନେନ୍ଦ୍ର ବାରିକ, ସିନିୟର ସଭିଲ ଜର୍ଜ ରୁଦ୍ର ପ୍ରସାଦ ମହାପାତ୍ର, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ଏସ୍‌ଡିଜେଏମ୍ ସୁଚରିତା ମାହାନ୍ତି, ନ୍ୟାୟାଧିକାରୀ ବୈଶାଳୀ ନାୟକ ,ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ହୃଷୀକେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଦୋରା, ବିଜୟ ପ୍ରଧାନ, ଏନ୍ ଗୁଣଶେଖର, ବିଜୟ ରାଉତ,ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଘରେ ଘରେ ଆଇନ ସେବା ପହଞ୍ଚାଇବା ଏବଂ କିପରି ଆଇନ ସେବା ସାମାଜିକ କାର୍ଯ୍ୟରେ ବିନିଯୋଗ ହୋଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଚେତନ ହୋଇପାରିବେ , ସେଥିପାଇଁ ନ୍ୟାୟ ସଂଯୋଗ କାର୍ଯ୍ୟାଳୟ ଏକ ପ୍ରୟାସ ବୋଲି ରାୟଗଡ଼ା ଜିଲା ଆଇନ୍‌ସେବା ପ୍ରାଧିକରଣ ସମ୍ପାଦକ ହୃଷୀକେଶ କହିଛନ୍ତି।




କାଶୀନଗର ପେଟ୍ରୋଲ୍ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

# ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବୃକ୍ଷ ବନ୍ଧୁ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୯।୯(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହିର ପରିଚ୍ଛାମଠ ପରିସରସ୍ଥ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ଏକ ବୃକ୍ଷ ବନ୍ଧୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ଭାସ୍କର ତୀର୍ଥ ଯୋଗଦେଇ ଶିଶୁଙ୍କୁ ବୃକ୍ଷ ଲଗାଇକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଗୁରୁ ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗାସନ ବିଷୟରେ ଶିକ୍ଷା ଦେଇଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମରେ ଦୀପ୍ତୀ ରଞ୍ଜନ ପଟ୍ଟନାୟକ, ରମାକାନ୍ତ ପଟ୍ଟନାୟକ ଏବଂ ଜନ୍ମଜେୟ ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଶିକ୍ଷାଦାନ ଦେଇଥିଲେ ।

# ତୈଳଦର ବୃଦ୍ଧି ପ୍ରତିବାଦରେ ଧାରଣା, ଶୋଭାଯାତ୍ରା

**କାଶୀନଗର,୯।୯(ଡି.ଏନ୍.ଏ.):**

ତୈଳଦର ବୃଦ୍ଧି ପ୍ରତିବାଦରେ କାଶୀନଗର ବ୍ଲକ୍ ହାଡୁବାଙ୍ଗୀସ୍ଥିତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ଦୁଇ ଘଣ୍ଟିଆ ଧାରଣା ଦିଆଯାଇଥିଲା। ବିଜେଡି ବ୍ଲକ୍ ଅଧକ୍ଷ ଚିତ୍ରୀ ସିମାଦ୍ରୀ, ହାଡୁବାଙ୍ଗୀ ପୂର୍ବତନ ସରପଞ୍ଚ ବି ବାବୁରାଓ, କାଶୀନଗର ବିଜେଡି ଯୁବ ସଭାପତି ରଘୁରାମ ସାହୁ, ପୂର୍ବତନ ବ୍ଲକ୍ ଅଧକ୍ଷ ଚନ୍ଦ୍ର ସାହୁକାର, ଡି ରବି ଏବଂ ବହୁ ଦଳୀୟ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ତୈଳ ଦର ବୃଦ୍ଧି ବିରୋଧରେ ନାରାବାଜି ଦେଇଥିଲେ।

# ପୂର୍ବତନ ପିଡିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ମୁନିଗୁଡ଼ା,୯।୯(ଡି.ଏନ୍.ଏ.):**

ରାୟଗଡ଼ାଜିଲାମୁନିଗୁଡ଼ାଅନ୍ତର୍ଗତଛେଳିଆ ନାଳ ନିକଟରେ ରାୟଗଡ଼ା ପିଡି ସୁକାନ୍ତ ତ୍ରିପାଠୀଙ୍କ ଗାଡ଼ି (ଓଡି୧୮ସି୫୪୪୫) ଏକ ଟ୍ରାକ୍ଟର ପଛପଟୁ ଧକ୍କାଦେବା ଫଳରେ ବାମପଟ ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଛି। ପୂର୍ବତନ ପିଡି ତ୍ରିପାଠୀ କୌଣସି ଏକ କାମରେ ପରିବାର ସହିତ ରାୟଗଡ଼ାରୁ ଭବାନୀପାଟଣା ଅଭିମୁଖେ ଯାଉଥିବାବେଳେ ମୁନିଗୁଡ଼ାର ଛେଳିଆନାଳ ଗ୍ରାମ ନିକଟରେ ଏକ ହମ୍ପସ୍‌ଠାରେ ସମ୍ମୁଖରେ ଯାଉଥିବା ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇଥିଲା। ପୂର୍ବତନ ପିଡିଙ୍କ ପରିବାରର ବିଶେଷ କିଛି କ୍ଷତି ହୋଇ ନ ଥିଲେ ମଧ ଗାଡି ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଖବରପାଇ ମୁନିଗୁଡ଼ା ଥାନା ଏସଆଇ ରିଗାନ୍ କଣ୍ଡୁଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଥାନାକୁ ଅଣାଯାଇଛି।

■ ନିଖିଳ ଉତ୍କଳ ବେସରକାରୀ ଶିକ୍ଷକ, କର୍ମଚାରୀ ସଂଘ ବାର୍ଷିକ ଉତ୍ସବ

# ଶିକ୍ଷା କ୍ଷେତ୍ରରେ ସୁସ୍ଥ ବାତାବରଣ ସୃଷ୍ଟି ହେଉ

**ରାୟଗଡ଼ା ଅଫିସ୍, ୯।୯ (ଡି.ଏନ୍.ଏ.)**

ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଅବିଭକ୍ତ କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରୂପେ ରାୟଗଡା ପୌର ପରିଷଦର ଉପାଧକ୍ଷ ଡା. ନିରଞ୍ଜନ ବକ୍ସିପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସଙ୍ଗଠନ ସମ୍ପାଦକ ମଦନ ମହଲା, ରାଜ୍ୟ ସମ୍ପଦାକ ବନମାଳୀ ପାଣିଗ୍ରାହୀ, ଚିତ୍ତରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଭାପତି ଶିବ ତ୍ରିପାଠୀ, କୋଷାଧକ୍ଷ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଧକ୍ଷ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ରାୟଗଡ଼ା ଜିଲା ସମ୍ପାଦକ ଅଧାପକ ଅରୁଣ ଖାଡେଙ୍ଗା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

■ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ ଦାବି

■ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ସମସ୍ୟା ସମାଧାନ କରାଯାଉ

ସପ୍ତମ ବେତନ କମିଶନ ଅନୁଯାୟୀ ୨୧ ମାସର ବକେୟା ଦରମା ସହିତ ଗ୍ରାଚ୍ୟୁଟି ତୁରନ୍ତ ପ୍ରଦାନ କରିବା ନେଇ ବୈଠକରେ ଆଲୋଚନା କରିଥିଲେ। ବକେୟା ଦରମା ପ୍ରଦାନ ଦାବି ପ୍ରତି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ତୁରନ୍ତ ପଦକ୍ଷେପ ନେବାକୁ ସମ୍ମିଳନୀରେ ଦାବି କରାଯାଇଛି। ଆନ୍ଦୋଳନରତ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକମାନଙ୍କର ସମସ୍ୟା ତୁରନ୍ତ ଆଲୋଚନା ମାଧ୍ୟମରେ ସମାଧାନ କରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏହି ସମ୍ମିଳନୀରେ ଜିଲା ସଭାପତି ଭାବେ ଶଶିଭୂଷଣ ମହାନ୍ତି ନିର୍ବାଚିତ ହୋଇଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୧୦/୨୦୧୮ Rayagada, Monday, September 10 / 2018

## ସଂକ୍ଷେପରେ

ପୋଲିସ- ଆଇନଜୀବୀ ବିବାଦ

### ସାମିଲ ହେବ ଆଇନଜୀବୀ ସଂଘ

**ମାଲକାନଗିରି, ୯।୯ (ଡି.ଏନ୍.ଏ.):** ପୋଲିସ- ଆଇନଜୀବୀ ବିବାଦ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ପାଇଁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ହାଇକୋର୍ଟ ବନ୍ଦ ରହିବା ଲାଗି ଶନିବାର କଟକରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆଇନଜୀବୀମାନେ ଯୋଗ ଦେଇଥିଲେ। ମାଲକାନଗିରି ଓକିଲ ସଂଘ ପକ୍ଷରୁ ସମ୍ପାଦକ ଲମ୍ବୋଦର ତୁରୁକ ଯୋଗ ଦେଇଥିଲେ। ମାଲକାନଗିରି ସଂଘ ମଧ ଏହି ରାଜ୍ୟବ୍ୟାପୀ ଆନ୍ଦୋଳନକୁ ସମର୍ଥନ କରି ବୁଧବାର ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବ ବୋଲି ତୁରୁକ ପ୍ରକାଶ କରିଛନ୍ତି।

### ୭ଫୁଟର ଅଜଗର ସାପ ଉଦ୍ଧାର



**ପାଣ୍ଡ୍ରିପାଣି,୯।୯:** ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସେରପାଲି ପଞ୍ଚାୟତର ବୁରୁଦାଗୁଡା ଗ୍ରାମରୁ ଏକ ୭ ଫୁଟର ଅଜଗର ସାପ ଉଦ୍ଧାର କରାଯାଇଛି। ପୂର୍ବତନ ଜିଲା ଅଧକ୍ଷ ଗଙ୍ଗାଧର ବୁରୁଦାଙ୍କ ଘରେ ଥିବା କୁକୁଡା କୁଡିଆରୁ ଏହାକୁ ଉଦ୍ଧାର କରାଯାଇଛି। ବୁରୁଦାଙ୍କ ପୁଅ ସୁବାସ ବୁରୁଦା କୁହନ୍ତି, ପୂର୍ବରୁ ସେ ଦୁଇଟି ଅଜଗର ସାପ ଧରି ଜଙ୍ଗଲରେ ଛାଡିଛନ୍ତି। ବର୍ତ୍ତମାନ ଏହି ଅଜଗର ସାପକୁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରାଯିବ।

■ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ

# ଜନ ସୂଚନା ଆଇନରେ ତଥ୍ୟ ମିଳୁନି

**ମାଥିଲି, ୯।୯ (ଡି.ଏନ.ଏ)**

ଜନସୂଚନା ଆଇନରେ ତଥ୍ୟ ମିଳୁନି। ଅପିଲ କଲେ ମଧ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ଯୋଗୁ ଆବେଦନକାରୀଙ୍କୁ ତଥ୍ୟ ମିଳୁନାହିଁ। ରବିବାର ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଜଣେ ଆବେଦନକାରୀ ଏପରି ଅଭିଯୋଗ ଆଣିଛନ୍ତି । ଜିଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡାସ୍ଥିତ ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଥିବା ସମ୍ପର୍କରେ ମାଥିଲି ଅଞ୍ଚଳର କୁନାଲ ମିଶ୍ର ଜନ ସୂଚନା ଅଧିକାର ଆଇନରେ ମାଲକାନଗିରି ଡିଡବ୍ଲ୍ୟୁଇଓ କାର୍ଯ୍ୟାଳୟର ପିଆଇଓଙ୍କ ନିକଟରେ ଅପିଲ କରିଥିଲେ। ଗତ ଜାନୁୟାରୀ ୬ରେ ସମ୍ପୃକ୍ତ ଅଧିକାରୀ ଆବେଦନକାରୀଙ୍କ ଅପିଲକୁ ଗ୍ରହଣ କରିଥିଲେ । ମାତ୍ର ପ୍ରାୟ ୮ ମାସ ବିତିଯାଇଥିଲେ ମଧ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ନାୟକଙ୍କ ବିରୋଧରେ ମାଗିଥିବା ତଥ୍ୟ ତାଙ୍କୁ ମିଳି ନ ଥିବା କୁନାଲ ଅଭିଯୋଗ କରିଛନ୍ତି। ମୁଦୁଲିପଡା ବିଦ୍ୟାଳୟରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଅନେକ ଆର୍ଥିକ ଅନିୟମିତତାରେ ଲିପ୍ତ ରହିଛନ୍ତି । ସବୁ ସମୟରେ ସେ ବାହାରେ ରହୁଛନ୍ତି। ଏମଡିଏମରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ପକାଇ ଅର୍ଥ ହଡପ କରୁଛନ୍ତି । ସେହିପରି ଗତ ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରଙ୍କୁ ବାହାରେ ଭ୍ରମଣ କରିବାକୁ ସରକାରୀ ନିୟମ ରହିଛି । ପ୍ରଧାନଶିକ୍ଷକ ୨ଟି ଗ୍ରୀଷ୍ମ ଅବକାଶ ଛୁଟିରେ ଛାତ୍ରୀଛାତ୍ରଙ୍କୁ ବୁଲେଇ ନେଇଥିବା ସ୍ଥାନ ଏବଂ ବୁକିଂ କରିଥିବା ବସ ବାବଦରେ ତଥ୍ୟ ମଗାଯାଇଛି । ଏପରି ୯ଟି ତଥ୍ୟ ଦେବାକୁ ଆବେଦନକାରୀ ଅପିଲ କରିଥିଲେ । ତଥ୍ୟ ମିଳୁ ନ ଥିବାରୁ ପୁନର୍ବାର ସମ୍ପୃକ୍ତ ଆବେଦନକାରୀ ମାଲକାନଗିରି ଡିଡବ୍ଲ୍ୟୁଇଓଙ୍କ ପାଖରେ ଗତ ଫେବୃୟାରୀ ୧୨ରେ ଅପିଲ କରିଥିଲେ । ତାହା ମଧ ମିଳି ନ ଥିବା ସେ କହିଛନ୍ତି । ମୁଦୁଲିପଡା ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଚାଲିଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଏଥିରେ ସଂପୃକ୍ତ ଅଛନ୍ତି । ଉପରସ୍ତରରେ ଜନ ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ଅଧିକାରୀଙ୍କ ସହିତ ସଲାସୁତୁରା ହୋଇ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ହସ୍ତକ୍ଷେପ କରିବାକୁ କୁନାଲ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ନାୟକଙ୍କୁପଚାରିବାରୁ ସେ ମୋ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ। ମୁଁ କୌଣସି ନିୟମ ବିରୁଦ୍ଧ କାର୍ଯ୍ୟ କରିନାହିଁ ବୋଲି କହିଥିଲେ।

■ଏବେ ବି ରହିଛି ଜାପାନିଜ୍ ଏନ୍ସେଫାଲାଇଟିସ୍ ଭୟ

# ଗ୍ରାମବାସୀ ସୁଧାରିଲେ ଗ୍ରାମ ପରିବେଶ

**ମାଲକାନଗିରି, ୯।୯ (ଡି.ଏନ୍.ଏ.)**



ଗ୍ରାମବାସୀ ଗ୍ରାମରୁ ଅଳିଆ ଆବର୍ଜନା ସଫା କରୁଛନ୍ତି।

ମାଲକାନଗିରି ଜିଲାରେ ଗତ ୨୦୧୬ରେ ଜାପାନିଜ୍ ଏନ୍ସେଫାଲାଇଟିସ୍ ରୋଗରେ ଏକ ମାସ ମଧରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କୋମଳମତି ଶିଶୁଙ୍କ ଜୀବନ ଯାଇଥିଲା । ସେ ସମୟରେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେବା ସହ ରୋଗର କାରଣ ଜାଣିବା ପାଇଁ କେନ୍ଦ୍ର ଏବଂ ରାଜ୍ୟର ବିଶେଷଜ୍ଞମାନେ ମାଲକାନଗିରି ଜିଲା ଗସ୍ତ କରି ତର୍ଜମା କରିଥିଲେ । ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଏଥିପାଇଁ ଶାସକ ଦଳକୁ ବିରୋଧୀ ଦାୟୀ କରିଥିଲେ। ପରବର୍ତ୍ତୀ ସମୟରେ ଏହି ରୋଗ ନିୟନ୍ତ୍ରଣାଧୀନ ହୋଇଥିଲା। ତେବେ ଏପର୍ଯ୍ୟନ୍ତ ସେହି ଭୟ ଲୋକଙ୍କ ମନରୁ ଯାଇନାହିଁ। ସେତେବେଳେ ଅସ୍ୱାସ୍ଥ୍ୟକର ପରିବେଶ, ଘୁଷୁରି, ବଣ ଚାକୁଣ୍ଡା ମଞ୍ଜି ଏବଂ ମଶା ଦ୍ୱାରା ଏହି ରୋଗ ସୃଷ୍ଟି ହେଉଥିବା ଡାକ୍ତରୀ ବିଶେଷଜ୍ଞ ଦଳ ପ୍ରକାଶ କରିଥିଲେ । ପୁନର୍ବାର ଯେପରି ଏହି ରୋଗରେ କେହି ଆକ୍ରାନ୍ତ ନ ହୁଅନ୍ତି ସେଥିପାଇଁ ବିଭିନ୍ନ ଆଦିବାସୀ ଗ୍ରାମଗୁଡିକରେ ସଫେଇ କାର୍ଯ୍ୟ ଦେଖିବାକୁ ମିଳିଛି। ରବିବାର ମାଲକାନଗିରି ବ୍ଲକ କୁସୁବାଡା ଗ୍ରାମରେ ବସବାସ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକେ ସପ୍ତାହ ତଳେ ଗ୍ରାମରେ ଏକ ବୈଠକ କରି ତାଙ୍କ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେହି ଅନୁସାରେ ରବିବାର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏ ବ୍ୟକ୍ତି ଏଥିରେ ସାମିଲ ହୋଇ ୪ଟି ସାହିର ରାସ୍ତାଘାଟ ସଫା କରିବା ସହ ଅନାବନା ଲଟାବୁଦା ସବୁ ସଫା କରିଥିଲେ। ଏଥିସହ ଗ୍ରାମ ମଧରେ ଥିବା ଅନେକ ଖାଲରେ ଜମିଥିବା ପାଣି ଉପରେ ମାଟି ପକାଇ ଖାଲ ପୋତିଥିଲେ। ପ୍ରତି ସାହିରେ ବ୍ଲିଚିଂ ପାଉଡର, ରାସ୍ତାଘାଟ ଓ ଗୃହପାଳିତ ପ୍ରାଣୀ ରହୁଥିବା ଗୁହାଳ ଘର ଏବଂ ରୋଷେଇ ଶାଳ ଚାରିପଟେ ସିଞ୍ଚନ କରିଥିଲେ। ଏ ସମ୍ବନ୍ଧରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ବାଲିଆ ଦୁଆରି କହନ୍ତି ପ୍ରତି ମାସରେ ଏହିପରି ସଫେଇ କାର୍ଯ୍ୟ ଜାରି ରହିବ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ